# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ତା ୧୭.୦୭.୨୦୨୬ ରିଖ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀ ବିପ୍ଳବ ବେହେରା,
୩. ଶ୍ରୀମତୀ ସ୍ୱରୁଲତା ସାମନ୍ତରାୟ,
୪. ନମିତା ମହାପାତ୍ର

ଅଦ୍ୟ ତା ୧୭.୦୭.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ, BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ପ୍ରତ୍ୟେକ ଗୃହର ପ୍ଲାନ୍ ଅନୁମୋଦନ ସମୟରେ ଛୋଟ ଘର ପାଇଁ ଗ୍ୟାରେଜ୍ ଏବଂ ବଡ଼ ଗୃହ ପାଇଁ ପାର୍କିଙ୍ଗ୍ ବ୍ୟବସ୍ଥା ନଥିଲେ ପ୍ଲାନ୍ ଅନୁମୋଦନ ନକରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗୃହ ନିର୍ମାଣ ପାଇଁ ଗୃହ ନକ୍ସା ଅନୁମୋଦନ ନିମନ୍ତେ ଓଡ଼ିଶାର ସବୁ ସହରାଂଚଳ ପାଇଁ ସୁଯୋଗରେ ଆବେଦନ ହେଉଅଛି । ଏଥିରେ ଗୃହ ନକ୍ସା ଅନୁମୋଦନ ପାଇଁ ପାର୍କିଙ୍ଗ୍ ବ୍ୟବସ୍ଥା ପାଇଁ ଯେଉଁ ନିୟମ ଅଛି, ସେଥିରେ ଛୋଟ ଘର ପାଇଁ ପାର୍କିଙ୍ଗ୍ କିମ୍ବା ଗ୍ୟାରେଜ୍ ବ୍ୟବସ୍ଥା ନଥିଲେ ପ୍ଲାନ୍ ଅନୁମୋଦନ ହେଉଅଛି, ଭୁବନେଶ୍ୱରର ପ୍ରତ୍ୟେକ ଗୃହ ପାଇଁ ପାର୍କିଙ୍ଗର ଆବଶ୍ୟକତା ଥିବାରୁ ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ପାଇଁ ପ୍ରତ୍ୟେକ ଗୃହର ନକ୍ସାରେ ପାର୍କିଙ୍ଗ୍ ବ୍ୟବସ୍ଥା ନଥିଲେ ସୁଯୋଗରେ ଆବେଦନ ଗ୍ରହଣ ନକରିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ପ୍ରତ୍ୟେକ ୱାର୍ଡରେ ସାଧାରଣ ପାର୍କିଙ୍ଗ୍ ସ୍ଥାନ ପାଇଁ ଜାଗା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୭.୦୭.୨୦୨୬ ରିଖ

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୭.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀମତୀ ଇତିଶ୍ରୀ ଦାସ

ଅଦ୍ୟ ତା ୧୭.୦୭.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ରୁ କୁକୁର ମାନଙ୍କୁ ବନ୍ଧ୍ୟାକରଣ ପାଇଁ କର୍ପୋରେଟର ମାନଙ୍କୁ ଜଣାଇ ନେଉଛନ୍ତି, କିନ୍ତୁ ଛାଡ଼ିବା ସମୟରେ କର୍ପୋରେଟରଙ୍କୁ ନଜଣାଇ ଅଧିକ କୁକୁର ସେଠାରେ ଛାଡୁଛନ୍ତି, ତେଣୁ କୁକୁର ନେବା ଓ ବନ୍ଧ୍ୟାକରଣ କରାଯାଇ ପୁନଃବାର ସେଠାରେ ଛାଡ଼ିବା ସମୟରେ କର୍ପୋରେଟରଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର କେଉଁ ୱାର୍ଡ଼ରୁ କେତେ କୁକୁର ବନ୍ଧ୍ୟାକରଣ କରାଯାଇଅଛି ଏବଂ ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଅଛି ତାହାର ୱାର୍ଡ଼ ୱାଇଜ୍ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ଏ.ବି.ସି ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଗୋଶାଳାରେ ପ୍ରତି ଗୋରୁ ପିଛା କେଉଁ କେଉଁ ବାବଦକୁ କେତେ ଅର୍ଥ ଖର୍ଚ୍ଚ ହେଉଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ଏ.ବି.ସି ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୨.୦୬ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୭.୦୭.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ତା ୧୭.୦୭.୨୦୨୬ ରିଖ
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୂଜା ମହାରଣା,
୩. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୪. ଶ୍ରୀମତୀ ସୁଜାତା ଛୋଟରାୟ,
୫. ଶ୍ରୀମତୀ ଝରଣାରାଣୀ ପତି,
୬. ଶ୍ରୀମତୀ ପୁଷ୍ପା ରାଉତ

ଅଦ୍ୟ ତା ୧୭.୦୭.୨୦୨୬ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଲାଗିଥିବା ବିଜ୍ଞାପନଫଳକ ଗୁଡ଼ିକୁ ସାଇବର ସିଫ୍ଟ ଦ୍ୱାରା ସର୍ଭେ କରାଯାଇ QR Code ଲଗାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ବୀର ସୁରେନ୍ଦ୍ର ସାଏ ନଗର ହାଟର କେତେକ ସ୍ଥାନରେ ବର୍ଷା ପାଣି ଜମୁଅଛି, ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି, ତେଣୁ ସେଠାରେ ଜରୁରୀକାଳିନ ଭିତିରେ ମୋରମ କିମ୍ବା ଡ୍ରଷ୍ଟ୍ ପକାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୭.୦୭.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୭.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାରପରସନ,
୨. ସକିବା ମୁଶରତ,
୩. ଶ୍ରୀମତୀ ସ୍ମୃତିଶିଖା ବରିସଲ
୪. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୧୮.୦୭.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ ନଂ-୯ ରେ ଥିବା ମଣ୍ଡପ ବସ୍ତି ଆଫୋର୍ଡେବୁଲ୍ ଗୃହ ଗୁଡ଼ିକୁ ପିଇବା ପାଣି ଓ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ରଙ୍ଗମାଟିଆ Ray-project ରେ ଆବଂଟନ ହୋଇନଥିବା ଗୃହ ଗୁଡ଼ିକୁ ଭୁବନେଶ୍ୱର ମହାନଗର ନିଗମ ଅଧିନକୁ ଆଣି ଘୃବି ପକାଇ ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଯେଉଁସବୁ ବସ୍ତି ଗୁଡ଼ିକ ଉଚ୍ଛେଦ କରାଯାଇ ଉପଯୁକ୍ତ ହିତାଧିକାରୀ ମାନଙ୍କୁ RAY/ AHP ଘର ପ୍ରଦାନ କରାଯାଇଅଛି, ସେଥି ମଧ୍ୟରୁ କିଛି ହିତାଧିକାରୀଙ୍କର ମୃତ୍ୟୁ ହୋଇଥିବାରୁ ସେମାନଙ୍କର ଯୋଗ୍ୟ ଉତରାଧିକାରୀମାନେ ତାଙ୍କ ସ୍ଥାନରେ ଏହି ସୁବିଧା ପାଇବା ପାଇଁ ଆବେଦନ କରିଛନ୍ତି । ସେମାନଙ୍କର ସମସ୍ତ ଦସ୍ତାବିଜ ଯାଂଚ୍ କରାଯାଇ ନିମ୍ନମତେ ସମ୍ପୃକ୍ତ ହିତାଧିକାରୀଙ୍କ ଉତରାଧିକାରୀଙ୍କ ନାମରେ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

| କ୍ର.ନଂ | ବସ୍ତିର ନାମ | ମୃତକ ହିତାଧିକାରୀଙ୍କ ନାମ | ଉତାଧିକାରୀଙ୍କ ନାମ | ସମ୍ପର୍କ |
|---|---|---|---|---|
| ୧ | ମଣ୍ଡପ ବସ୍ତି | କାର୍ତ୍ତିକ ପୂର୍ତ୍ତି | ବାସନ୍ତୀ ପୂର୍ତ୍ତି | ସ୍ତ୍ରୀ |
| ୨ | ମଣ୍ଡପ ବସ୍ତି | ବିନୋଦ ବିହାରୀ ସାହୁ | ପ୍ରତିମା ସାହୁ | ସ୍ତ୍ରୀ |
| ୩ | ମଣ୍ଡପ ବସ୍ତି | ସୁଦର୍ଶନ ଦାସ | ମଞ୍ଜୁ ଦାସ | ସ୍ତ୍ରୀ |
| ୪ | ମଣ୍ଡପ ବସ୍ତି | ଫୁଲରଣୀ ମାଲିକ | ବିଷ୍ଣୁ ଚରଣ ମାଲିକ | ପୁଅ |
| ୫ | ମଣ୍ଡପ ବସ୍ତି | ବିଶ୍ୱନାଥ ନାଥ | କମଳା ନାଥ | ସ୍ତ୍ରୀ |
| ୬ | ମଣ୍ଡପ ବସ୍ତି | ପ୍ରଫୁଲ୍ଲ ନାୟକ | ଶୈଳବାଳା ନାୟକ | ସ୍ତ୍ରୀ |
| ୭ | ମା' ଭଗବତୀ ବସ୍ତି | ପ୍ରକାଶ ଚନ୍ଦ୍ର ଦାସ | ଝୁନୀ ଦାସ | ସ୍ତ୍ରୀ |
| ୮ | ନୀଳମାଧବ ବସ୍ତି | ଚିତ୍ରଶେନ କହର | ସୁରେଶ କୁମାର କହର | ପୁଅ |

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୮.୦୭.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୭.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ଶ୍ରୀ ଅପରୂପ ନାରାୟଣ ରାଉତ,
୪. ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ

ଅଦ୍ୟ ତା ୧୮.୦୭.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ରାଜ୍ୟ ସରକାରଙ୍କ ଦ୍ୱାରା ବନ୍ଦ ହୋଇଯାଇଥିବା ସ୍କୁଲ୍ ଗୃହ ଗୁଡ଼ିକ ଶିକ୍ଷା ବିଭାଗ କାହାକୁ ହସ୍ତାନ୍ତର କରିଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ (ଶିକ୍ଷା) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ବର୍ଷାଋତୁ ଆରମ୍ଭ ହେଲାଣି, ତେଣୁ ରାସ୍ତା କଡ଼, ଖାଲିସ୍ଥାନ, ମଶାଣି, ବିଦ୍ୟାଳୟ ପରିସର ମଧ୍ୟରେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୮.୦୭.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୭.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୩. ଶ୍ରୀ ଶିବ ପ୍ରସାଦ ବେହେରା,
୪. ଶ୍ରୀମତୀ ଅଲିଅଲି ମଲ୍ଲିକ୍,
୫. ଅସିୟା ବେଗମ୍

ଅଦ୍ୟ ତା ୧୮.୦୭.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମୁକ୍ତା ଯୋଜନାରେ ନିର୍ମାଣ ହୋଇଥିବା Gym equipment ଗୁଡ଼ିକ ଖରାପ ହୋଇଗଲାଣି ସେଗୁଡ଼ିକ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ମରାମତି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେଉଁ ସଫେଇ ଠିକାଦାରଙ୍କୁ ପ୍ରତି ବର୍ଷ କେତେ ଲେଖାଏଁ ଅର୍ଥ ପଇଠ ହୋଇଅଛି ଏବଂ ସେମାନଙ୍କ ଉପରେ କେତେ ଅର୍ଥ ଫାଇନ୍ ହୋଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ (ପରିମଳ) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୮.୦୭.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ

## କମିଟି ବୈଠକ ବିବରଣୀ

ତା ୨୧.୦୭.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :--

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୩. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ,
୪. ଶ୍ରୀମତୀ ଛବି ଦାଶ

ଅଦ୍ୟ ତା ୨୧.୦୭.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମ ନିର୍ଦ୍ଧାରଣ ସଂଖ୍ୟା-୭(୧୫) ତା ୧୪.୦୮.୨୦୨୪ ରିଖ ଏବଂ ନିର୍ଦ୍ଧାରଣ ସଂଖ୍ୟା-୭(୧୨) ତା ୧୫.୦୧.୨୦୨୫ ରିଖ ଅନୁସାରେ ଡ଼. ଅନିଲ କୁମାର ପଣ୍ଡା ଅସ୍ଥିଶଲ୍ୟ ବିଶେଷଜ୍ଞ ଦୈନିକ ପାରିଶ୍ରମିକ ଟ୭,୦୦୦/- ହିସାବରେ ସପ୍ତାହକୁ ଦୁଇ ଦିନ କାର୍ଯ୍ୟ କରିଆସୁଥିଲେ, କିନ୍ତୁ ବର୍ତ୍ତମାନ ସେ ସପ୍ତାହକୁ ଦୁଇ ଦିନ କାର୍ଯ୍ୟ କରିବାକୁ ଅସମର୍ଥ ଥିବାରୁ ସପ୍ତାହକୁ କେବଳ ଗୋଟିଏ ଦିନ କାର୍ଯ୍ୟ କରୁଅଛନ୍ତି, ଯେହେତୁ ଦୈନିକ ବହୁସଂଖ୍ୟକ ରୋଗୀ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଛନ୍ତି ଏବଂ ନିର୍ଦ୍ଧାରଣ ସଂଖ୍ୟା-୭(୧୨) ତା ୧୫.୦୧.୨୦୨୫ ରିଖରେ ରୋଗୀମାନଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ବିଶେଷଜ୍ଞ ମାନଙ୍କର OPD ଦିନ ସଂଖ୍ୟା ବୃଦ୍ଧି କରାଯିବା ନିମନ୍ତେ ଅନୁମୋଦନ କରାଯାଇଥିଲା । ତେଣୁ ଆଉ ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କୁ ଚୁକ୍ତିଭିତ୍ତିରେ ସପ୍ତାହକୁ ଦୁଇ ଦିନ ପୂର୍ବ ଧାର୍ଯ୍ୟ ହୋଇଥିବା ପାରିଶ୍ରମିକ, ସର୍ତ୍ତ ଓ ନିୟମ ଅନୁସାରେ ନିଯୁକ୍ତି ଦିଆଗଲେ ରୋଗୀମାନେ ଭଲ ଭାବରେ ଚିକିତ୍ସା ପାଇପାରିବେ । ଉପରୋକ୍ତ ପ୍ରସ୍ତାବ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :- ନଥି ନଂ- BMC (H)-6/2026

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ବୁଦ୍ଧିମାନ ବର୍ଜ୍ୟବସ୍ତୁ ସଂଗ୍ରହ ଓ ନିଷ୍କାସନ ବ୍ୟବସ୍ଥା (Intelligent Garbage Collection and Disposal System) ର ଗବେଷଣା, ରୂପରେଖ ପ୍ରସ୍ତୁତି ଏବଂ ବିକାଶ କରିବା ପାଇଁ ମିଳିତ ସହଯୋଗ ଓ ତ୍ରିପାକ୍ଷିକ ଚୁକ୍ତିନାମା କରାଗଲେ ବି.ଏମ୍.ସି ର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ଅଧ୍ୟୟନ କରାଯାଇ ଆଧୁନିକ ପ୍ରଯୁକ୍ତିର ସହାୟତାରେ ଏହାକୁ ଅଧିକ ଦକ୍ଷ, ସୁବ୍ୟବସ୍ଥିତ ଏବଂ ପ୍ରଭାବଶାଳୀ କରିବା ପାଇଁ ଉପଯୁକ୍ତ ସମାଧାନ ପ୍ରସ୍ତୁତ କରାଯିବ । ଏହି ପଦକ୍ଷେପ ଅଧିନରେ ବି.ଏମ୍.ସି ର ବର୍ଜ୍ୟବସ୍ତୁ ସଂଗ୍ରହ ଓ ନିଷ୍କାସନ ବ୍ୟବସ୍ଥାର ବିଭିନ୍ନ ଦିଗରେ ଅଧ୍ୟୟନ କରାଯିବ । ଏହି ଅଧ୍ୟୟନର ଆଧାରରେ ଆଧୁନିକ ପ୍ରଯୁକ୍ତିର ସହାୟତାରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ଦକ୍ଷ, ସୁବ୍ୟବସ୍ଥିତ ଏବଂ ପ୍ରଭାବଶାଳୀ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥାର ରୂପରେଖ ପ୍ରସ୍ତୁତ କରାଯିବ ।

ପ୍ରସ୍ତାବଟିକୁ ନିମ୍ନଲିଖିତ ସର୍ତ୍ତାବଳୀ ଆଧାରରେ ବିଚାର କରାଯାଇପାରେ :-

୧. ଏହି ପଦକ୍ଷେପ ପାଇଁ ବି.ଏମ୍.ସି ଉପରେ କୌଣସି ଆର୍ଥିକ ଭାର ପଡ଼ିବ ନାହିଁ ।
୨. ଅଧ୍ୟୟନ, ଗବେଷଣା, ରୂପରେଖ ପ୍ରସ୍ତୁତି ଏବଂ ପ୍ରଯୁକ୍ତିଗତ ସହାୟତା Flying Chital ଏବଂ IIT Madras ଦ୍ୱାରା ପ୍ରଦାନ କରାଯିବ ।
୩. ସମସ୍ତ ଅଧ୍ୟୟନ ଓ ତଥ୍ୟ ସଂଗ୍ରହ କାର୍ଯ୍ୟ ବି.ଏମ୍.ସି ଅଧିକାରୀମାନଙ୍କ ସହ ସମନ୍ୱୟରେ କରାଯିବ ।
୪. ଅଧ୍ୟୟନରୁ ପ୍ରସ୍ତୁତ ସମସ୍ତ ରିପୋର୍ଟ, ସୁପାରିଶ ଏବଂ ଅନ୍ୟାନ୍ୟ ଫଳାଫଳ ବି.ଏମ୍.ସି କୁ ପ୍ରଦାନ କରାଯିବ ।
୫. ତଥ୍ୟର ମାଲିକାନା, ଗୋପନୀୟତା ଏବଂ ବ୍ୟବହାର ସମ୍ବନ୍ଧୀୟ ସମସ୍ତ ସର୍ତ୍ତ ତ୍ରିପାକ୍ଷିକ ଚୁକ୍ତିନାମା (Tripartite Agreement) ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ ।

ଏହି ପଦକ୍ଷେପ ପାଇଁ ବି.ଏମ୍.ସି ଉପରେ କୌଣସି ଆର୍ଥିକ ଭାର ପଡ଼ିବ ନାହିଁ । ବରଂ, ଏହା ମାଧ୍ୟମରେ ବି.ଏମ୍.ସି ର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଆଧୁନିକ କରିବା ସହିତ ଭବିଷ୍ୟତରେ ସେବା ପ୍ରଦାନର ମାନ ବୃଦ୍ଧି କରିବାରେ ସହାୟକ ହେବ । ଅତଏବ, Flying Chital, IIT Madras ଏବଂ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ପ୍ରସ୍ତାବିତ ତ୍ରିପାକ୍ଷିକ ଚୁକ୍ତିନାମା (Tripartite Agreement) ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ- XXXXX-ITPMU-11/2025

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜନସାଧାରଣଙ୍କ ପାଇଁ ଶୌଚାଳୟ ଏବଂ ପରିଶ୍ରାଗାର (LOO) ସୁବିଧା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ସହରର ବିଭିନ୍ନ ସ୍ଥାନରେ ୨୦୦ ରୁ ଅଧିକ LOO ସ୍ଥାପନ କରିବା ପାଇଁ ଯୋଜନା କରାଯାଇଅଛି । ଉକ୍ତ ଯୋଜନା ଅନୁଯାୟୀ, Engineering Division-II & III ଦ୍ୱାରା ବିଭିନ୍ନ ୱାର୍ଡ଼ରେ ୩୦ ଟି "ଲୁ" ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯାଇ ସେଗୁଡ଼ିକ ସାନିଟେସନ୍ ଉପବିଭାଗକୁ ହସ୍ତାନ୍ତର (Handed over) କରାଯାଇଅଛି । ଉକ୍ତ ୩୦ ଟି "ଲୁ" ର ଦୈନନ୍ଦିନ ପରିଚାଳନା ଓ ରକ୍ଷଣାବେକ୍ଷଣ (Operation & Maintenance) କାର୍ଯ୍ୟ ସମ୍ପାଦନ ପାଇଁ GEM Portal ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ନିମ୍ନଲିଖିତ ତିନୋଟି ସଂସ୍ଥା ଅଂଶଗ୍ରହଣ କରିଥିଲେ ।

1.M/s R4RS Private Limited, 2.M/s Telecom Technology, 3.M/s International Institute of Sulabh System

ବିଡ୍ ଗୁଡ଼ିକର ମୂଲ୍ୟାଙ୍କନ (Evaluation) ଅନୁଯାୟୀ M/s International Institute of Sulabh System ସର୍ବନିମ୍ନ ଦର Rs.13,500 per seat per month ଦର୍ଶାଇ L-1 Bidder ଭାବରେ ଚୟନ ହୋଇଅଛି ଯାହାକି ୩୦ ଗୋଟି "ଲୁ" ର ପରିଚାଳନା ଓ ରକ୍ଷଣାବେକ୍ଷଣ (Operation & Maintenance) ବାବଦକୁ ମୋଟ ମାସିକ ବ୍ୟୟ ଟ ୪,୦୫,୦୦୦/- ଏବଂ ବାର୍ଷିକ ବ୍ୟୟ ଟ ୪୮,୬୦,୦୦୦/- ଅଟେ । ଏହି ଟେଣ୍ଡରର ଅବଧି ୩ ବର୍ଷ ଅଟେ ଏବଂ ଯାହାର ୩ ବର୍ଷର ବ୍ୟୟ ମୋଟ ଟ ୧,୪୫,୮୦,୦୦୦/-ଙ୍କା ରେ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ "ଲୁ" ଗୁଡ଼ିକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଅଛି ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା କରିବା ପାଇଁ ପରିମଳ ଉପବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ନିର୍ବାହୀ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩). ନୂତନ ଭାବେ ନିର୍ମାଣ ହୋଇଥିବା ଶୌଚାଳୟ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ୫·।·୫ ବର୍ଷର ଅବଧି ପାଇଁ ଟେଣ୍ଡର ଡ଼ାକିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪). ଭୁବନେଶ୍ୱର ମହାନଗର ନିଗମର ୧୧ (ଏଗାର) ଗୋଟି ହୋମିଓପାଥିକ ଡ଼ାକ୍ତରଖାନା ଅଛି, କିନ୍ତୁ ବର୍ତ୍ତମାନ ମାତ୍ର ଦୁଇ ଜଣ ହୋମିଓ ଡ଼ାକ୍ତର ଥିବାରୁ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ସଠିକ୍ ଭାବରେ ଯୋଗାଇ ହୋଇପାରୁନାହିଁ, ସେଥି ମଧ୍ୟରୁ ଜଣେ ଡ଼ାକ୍ତର ଅବସର ନେବାକୁ ଯାଉଛନ୍ତି ତେଣୁ ଆଉ ପାଂଚ ଜଣ ହୋମିଓ ଡ଼ାକ୍ତର ନିଯୁକ୍ତି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୫). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ଡ଼ାକ୍ତରଖାନାରେ ମାନବ ସମ୍ବଳ ଯୋଗାଇବା ନିମନ୍ତେ ଟେଣ୍ଡର ନେଇଥିବା L & K Services ସଂସ୍ଥା ଡ଼ାକ୍ତରଖାନାରେ ବହୁ ଦିନରୁ କାର୍ଯ୍ୟ କରୁଥିବା ଅଭିଜ୍ଞ ବ୍ୟକ୍ତି ଯେଉଁମାନେ ୫୦ (ପଚାଶ) ବର୍ଷରୁ ଅଧିକ କିମ୍ବା ୬୦ ବର୍ଷରୁ ଅଧିକ ହୋଇନାହିଁ ଏବଂ ଅନ୍‌ସ୍କିଲ୍ ପଦବୀ ଯଥା:-ଆଟେଣ୍ଡାଂଟ୍‌ରେ ଯେଉଁମାନେ ମାଟ୍ରିକ୍ ପାଶ୍ କରିନାହାଁନ୍ତି ସେମାନଙ୍କୁ କାର୍ଯ୍ୟରେ ନିୟୋଜନ କରୁନାହାଁନ୍ତି, ଯେହେତୁ ପୁରୁଣା କର୍ମଚାରୀମାନେ ବହୁ ଦିନ କାର୍ଯ୍ୟ କରି ଅଭିଜ୍ଞ ଅଛନ୍ତି ସେମାନଙ୍କୁ କାର୍ଯ୍ୟରେ ନିୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୬). ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛଡ଼ାଳ କାଟିବା ପାଇଁ ଯେଉଁ ଗାଡ଼ି ଓ କର୍ମଚାରୀ ଯାଉଛନ୍ତି ତାହାର ସାତ ଦିନର ପ୍ରୋଗ୍ରାମ ଉପ ଆୟୁକ୍ତ (ପରିବେଶ) ପ୍ରସ୍ତୁତ କରି ସପ୍ତାହର ପ୍ରଥମ ଦିନରେ ଗାଡ଼ି ନଂ ସହିତ କର୍ମଚାରୀଙ୍କ ନାମର ତାଲିକା ମାନନୀୟା ମେୟରଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ଘ.୧୨.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୧.୦୭.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୭.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ସେକ୍ ନୂରହାସନ୍

ଅଦ୍ୟ ତା ୨୨.୦୭.୨୦୨୬ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅନୁମୋଦନ ହୋଇଥିବା ବାର୍ଷିକ କାର୍ଯ୍ୟ ଯୋଜନା (Annual Action Plan) ରେ ଡ୍ରେନ୍ ଓ ଉନ୍ନୟନମୂଳକ ସମସ୍ତ କାର୍ଯ୍ୟର ଅଟକଳ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍, ନିର୍ବାହୀ ଯନ୍ତ୍ରୀ,ଖଣ୍ଡ-୧, ଖଣ୍ଡ-୨ ଓ ଖଣ୍ଡ-୩ ଏକ ମାସ ମଧ୍ୟରେ ପ୍ରସ୍ତୁତ କରି ଆସନ୍ତା ମାସ ବୈଠକରେ ୱାର୍ଡ଼ ୱାଇଜ୍ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୀମପୁର ମୌଜାରେ ନିର୍ମାଣ ହେଉଥିବା ସ୍ୱିଙ୍ଗ୍ ଟ୍ୟାଙ୍କ୍ ଆସନ୍ତା ଅଗଷ୍ଟ-୩୧ ତାରିଖରେ ଉଦ୍‌ଘାଟନ ହେବ, ତେଣୁ ତା' ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଯେଉଁ ରାସ୍ତା ଗୁଡ଼ିକ ଖାଲଖମା ହୋଇଅଛି ସେଗୁଡ଼ିକର ମରାମତି ଓ ଯେଉଁ ନାଳ ଉପରେ ସ୍ଲାବ୍ ନାହିଁ ସେଠାରେ ସ୍ଲାବ୍ ପକାଇବା କାର୍ଯ୍ୟ ଆସନ୍ତା ଦୁର୍ଗାପୂଜା ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଶ୍ରୀଧର ବେହେରା
ସଭାପତି
ତା ୨୨.୦୭.୨୦୨୬ ରିଖ